بسم الله الرحمن الرحيم

খুতবা জুমা ১৫ফেব্রুয়ারী ২০১৯ৰ সারাংশ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁସ୍ପକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବାମାନଙ୍କର ମୁଁ ଚର୍ଚ୍ଚା କରିବି ତନ୍ମଧ୍ୟରୁ ପ୍ରଥମ ସାହାବି ହେଲେ ହଜ଼ରତ୍ ଖାଲିଦ୍ ବିନ୍ କୈସ୍ ର.ଅ ସେ ବନୁ ବୟାଜ଼ା ଶାଖା ଅନ୍ତର୍ଗତ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କ ପିତାଙ୍କ ନାମ କୈସ୍ ବିନ୍ ମାଲିକ ଥିଲା ଏବଂ ମାତାଙ୍କ ନାମ ସଲମା ବିନତ୍ ହାରିସା ଥିଲା । ସେ ୭୦ ଜଣ ଅନସାର୍ ସାହାବାମାନଙ୍କ ସହିତ ବୈଅତେ ଅକ଼ବାରେ ଶାମିଲ୍ ହୋଇଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ଥିଲେ ।

ପରବର୍ତ୍ତୀ ସାହାବି ହେଉଛନ୍ତି **ହଜ଼ରତ୍ ହାରିସ୍ ବିନ୍ ଖଜ଼ମା ର.ଅ** । ସେ ଅନସାରୀ ସାହାବି ଥିଲେ । ତାଙ୍କର ସାଂଜ୍ଞା ଅବୁ ବଶର୍ ଥିଲା । ସେ ଖଜ଼ରଜ୍ ସଂପ୍ରଦାଭୁକ୍ତ ଥିଲେ । ସେ ବନୁ ଅବ୍ଦୁଲ୍ ଅଶହଲଙ୍କର ମିତ୍ର ଥିଲେ । ସେ ବଦର୍, ଓହୋଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସେ ହଜ଼ରତ୍ ହାରିସ୍ ବିନ୍ ଖଜ଼ମା ଓ ହଜ଼ରତ୍ ଅୟ୍ୟାସ୍ ବିନ୍ ବୁକୈର୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ତବୁକ୍ ଯୁଦ୍ଧ ଅବସରରେ ଯେତେବେଳେ ହୁଜ଼ୁର୍ ସ.ଅଙ୍କର ଓଟ ହଜିଯାଇଥିଲା ସେତେବେଳେ ମୁନାଫିକ଼ମାନେ (କପଟବିଶ୍ୱାସୀ) ହୁଜ଼ୁର୍ ସ.ଅଙ୍କ ଉପରେ ଏହି ଆପତ୍ତି କଲେ ଯେ, ତାଙ୍କୁ ନିଜର ଓଟ ସଂପର୍କରେ ତ' କିଛି ଖବର ଜଣା ନାହିଁ, ତେବେ ତାଙ୍କୁ ଆକାଶବାଣୀ ସଂପର୍କରେ କିପିରି ଖବର ଜଣାଥିବ । ସୁତରାଂ ଯେତେବେଳେ ଆଁହଜ଼ରତ୍ ସ.ଅ ଉକ୍ତ ଆପତ୍ତି ସଂପର୍କରେ ଅବଗତ ହେଲେ ସେତେବେଳେ ହୁଜ଼ୁର୍ ସ.ଅ କହିଲେ ଯେ, ମୁଁ କେବଳ ସେହି କଥା ଜାଣିଛି ଯେଉଁ କଥା ସଂପର୍କରେ ଅଲ୍ଲାଃତାଲା ମୋତେ ସୂଚିତ କରିଥାନ୍ତି ଏବଂ ହୁଜ଼ୁର୍ ସ.ଅ କହିଲେ ଯେ, ବର୍ତ୍ତମାନ ଅଲ୍ଲାଃତାଲା ମୋତେ ମୋ ଓଟ ସଂପର୍କରେ ଏହି ସୂଚନା ଦେଇଛନ୍ତି ଯେ, ଅମକ ପାର୍ବତ୍ୟାଞ୍ଚଳର ପାଦ ଦେଶରେ ସେହି ଓଟଟି ରହିଛି । ସୁତରାଂ ହଜ଼ରତ୍ ହାରିସ୍ ବିନ୍ ଖଜ଼ମା ହୁଜ଼ୁର୍ ସ.ଅଙ୍କ କହିବା ଅନୁସାରେ ସେହି ସ୍ଥାନରେ ଓଟର ସନ୍ଧାନ କରି ଓଟଟିକୁ ହୁଜ଼ୁର୍ ସ.ଅଙ୍କ ସମକ୍ଷରେ ଆଣି ହାଜର କରିଥିଲେ । ହଜ଼ରତ୍ ହାରିସ୍ ବିନ୍ ଖଜ଼ମା ର.ଅଙ୍କର ଦେହାନ୍ତ ୪୦ ହିଜରୀରେ ୬୭ ବର୍ଷ ବୟସରେ ହଜ଼ରତ୍ ଅଲୀ ର.ଅଙ୍କ ଖିଲାଫତ୍ ଶାସନକାଳରେ ମଦିନା ଠାରେ ହୋଇଥିଲା ।

ପରବର୍ତ୍ତୀ ସାହାବି ହେଉଛନ୍ତି **ହଜ଼ରତ୍ ଖୁନୈସ୍ ବିନ୍ ହୁଜ଼େଫା ର.ଅ** । ତାଙ୍କର ସାଂଜ୍ଞା ହୁଜ଼େଫା ଥିଲା । ସେ ଆଁହଜ଼ରତ୍ ସ.ଅଙ୍କ ଦାରେ ଅରକ଼ମ୍ ଠାକୁ ଯିବା ପୂର୍ବରୁ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ସେହି ମୁସଲମାନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେ ଦ୍ୱିତୀୟଥର ପାଇଁ ହବଶା ଆଡ଼କୁ ପ୍ରବାସ କରିଥିଲେ । ମଦିନାକୁ ପ୍ରବାସ କଲାପରେ ସେ ହଜ଼ରତ୍ ରିଫାଅ ବିନ୍ ଅବ୍ଦୁଲ୍ ମୁନଜ଼ର୍ ର.ଅଙ୍କ ନିକଟରେ ରହିଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଖୁନୈସ୍ ଏବଂ ଅବୁ ଅବସ୍ ବିନ୍ ଜବର୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ଥିଲେ । ଉମ୍ମୁଲ୍ ମୁମିନିନ୍ ହଜ଼ରତ୍ ହଫସା ର.ଅ ଆଁହଜ଼ରତ୍ ସ.ଅଙ୍କୁ ବିବାହା କରିବା ପୂର୍ବରୁ ହଜ଼ରତ୍ ଖୁନୈସ୍ ର.ଅଙ୍କୁ ବିବାହ କରିଥିଲେ ।

ହଜ଼ରତ୍ ଖୁନୈସ୍ ର.ଅ ବଦର୍ ଯୁଦ୍ଧ ପରେ ମଦିନାକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ସେ ଏହି ରୋଗ ଦାଉରୁ ସେ ସୁସ୍ଥ ହୋଇ ନପାରି ପରିଶେଷରେ ମୃତ୍ୟୁବରଣ କରିଥିଲେ । ସୁତରାଂ ତାଙ୍କ ବିୟୋଗ ପରେ

ଆଁହୁଜୁର୍ ସ.ଅ ହଜରତ୍ ହଫସା ର.ଅଙ୍କୁ ନିକାହ୍ (ବିବାହ) କରିଥିଲେ । ହୁଜୁର୍ ସ.ଅ ହଜରତ୍ ଖୁନୈସ୍ ର.ଅଙ୍କର ନମାଜେ ଯନାଜାଃ ପଢେଇଥିଲେ ଏବଂ ତାଙ୍କୁ ସ୍ୱର୍ଗତ ହଜରତ୍ ଉସମାନ୍ ବିନ୍ ମଜଉନ୍ ର.ଅଙ୍କ ଏକ ପାର୍ଶ୍ୱରେ କବର ଦିଆଯାଇଥିଲା ।

ଆଉ ଜଣେ ସାହାବି ହେଉଛନ୍ତି **ହଜରତ୍ ହାରିସା ବିନ୍ ନୁମାନ୍ ର.ଅ** । ତାଙ୍କର ସାଂଙ୍କା ଅବୁ ଅବ୍ଦୁଲ୍ଲାଃ ଥିଲା । ସେ ଜଣେ ଅନସାରୀ ସାହାବି ଥିଲେ । ସେ ବନୁ ନଜ୍ଜାର୍ ଶାଖା ଅନ୍ତର୍ଗତ ଖଜରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍, ଓହୋଦ୍, ଏବଂ ଖନ୍ଦକ୍ ଯୁଦ୍ଧରେ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସେ ଅତିଶ୍ରେଷ୍ଠ ସାହାବିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜରତ୍ ଇବନେ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜରତ୍ ହାରିସା ବିନ୍ ନୁମାନ୍ ର.ଅ ଯେତେବେଳେ ଆଁହୁଜୁର୍ ସ.ଅଙ୍କ ନିକଟରୁ ଅତିକ୍ରମ କଲେ ସେତେବେଳେ ଆଁହୁଜୁର୍ ସ.ଅଙ୍କ ନିକଟରେ ହଜରତ୍ ଜିବ୍ରାଇଲ୍ ଅ.ସ ବସିଥିଲେ ଏବଂ ହୁଜୁର୍ ସ.ଅ ଜିବ୍ରାଇଲ୍ ଅ.ସଙ୍କ ସହିତ ଧୀର ସ୍ୱରରେ କିଛି କଥା ହେଉଥିଲେ । ହଜରତ୍ ହାରିସା ର.ଅ ଆଁହୁଜୁର୍ ସ.ଅଙ୍କୁ ସଲାମ୍ କଲେ ନାହିଁ । ଜିବ୍ରାଇଲ୍ ଅ.ସ ଆଁହୁଜୁର୍ ସ.ଅଙ୍କୁ କହିଲେ ଯେ, ସେ କାହିଁକି ସଲାମ୍ କଲେ ନାହିଁ ? ଏହି ଘଟଣା ପରେ ହୁଜୁର୍ ସ.ଅ ହଜରତ୍ ହାରିସା ର.ଅଙ୍କୁ ପଚାରିଲେ ଯେ, ତୁମେ କାହିଁକି ସଲାମ୍ କଲ ନାହିଁ ? ହଜରତ୍ ହାରିସା ଉତ୍ତର ଦେଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ମୁଁ ଆପଣଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କୁ କ୍ଷୀଣ ସ୍ୱରରେ କିଛି କଥାବାର୍ତ୍ତା ହେଉଥିବାର ଦେଖିବାକୁ ପାଇଲି । ତେଣୁ ମୁଁ ଏହା ଉଚିତ୍ ମନେକଲି ଯେ, ଆପଣଙ୍କ କଥା ବାର୍ତ୍ତାରେ ଯେପରି ବ୍ୟାଘାତ ସୃଷ୍ଟି ନହେଉ । ଏହି କାରଣରୁ ମୁଁ ଆପଣ ସ.ଅଙ୍କୁ ସଲାମ୍ କଲି ନାହିଁ । ଆଁହଜରତ୍ ସ.ଅ ହଜରତ୍ ହାରିସା ର.ଅଙ୍କୁ ପଚାରିଲେ ଯେ, କ'ଣ ତୁମେ ସେହି ବ୍ୟକ୍ତିଙ୍କୁ ଦେଖି ନେଇଛ କି ଯିଏ ମୋ ପାଖରେ ବସିଥିଲେ ଏବଂ ମୋ ସହିତ କଥା ହେଉଥିଲେ ? ହଜରତ୍ ହାରିସା ର.ଅ ଉତ୍ତର ଦେଲେ ଯେ, ହଁ । ତେବେ ହୁଜୁର୍ ସ.ଅ କହିଲେ ଯେ, ସେ ହଜରତ୍ ଜିବ୍ରାଇଲ୍ ଅ.ସ ଥିଲେ ଏବଂ ସେ କହୁଥିଲେ ଯେ, ଯଦି ସେହି ବ୍ୟକ୍ତି ମୋତେ ସଲାମ୍ କରି ଥାଆନ୍ତା ତେବେ ମୁଁ ତା ସଲାମର ଉତ୍ତର ନିଶ୍ଚୟ ଦେଇଥାଆନ୍ତି । ପୁନଶ୍ଚ ଏହା ପରେ ଜିବ୍ରାଇଲ୍ ଅ.ସ କହିଲେ ଯେ, ଏହି ବ୍ୟକ୍ତି ୮୦ ଜଣଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ହୁଜୁର୍ ସ.ଅ କହିଲେ ଯେ, ମୁଁ ହଜରତ୍ ଜିବ୍ରାଇଲ୍ ଅ.ସଙ୍କୁ ଏ ସଂପର୍କରେ ବ୍ୟକ୍ତ କଲି ଯେ, ଏହି ୮୦ର ଅର୍ଥ କ'ଣ ? ପ୍ରତ୍ୟୁତ୍ତରରେ ଜିବ୍ରାଇଲ୍ ଅ.ସ କହିଲେ ଯେ, ଏ ସେହି ୮୦ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯିଏ କି ହୁନୈନ୍ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଅଟଳ ଭାବରେ ଛିଡ଼ା ହୋଇଥିଲେ । ଅଲ୍ଲାଃତାଲା ତାଙ୍କର ଭରଣ ପୋଷଣ ଏବଂ ତାଙ୍କ ସନ୍ତାନସନ୍ତିମାନଙ୍କର ଭରଣପୋଷଣ ସ୍ୱର୍ଗରେ ନିଜ ଦାୟୀତ୍ୱାଧୀନରେ ରଖିଛନ୍ତି ।

ପରବର୍ତ୍ତୀ ସାହାବି ହେଉଛନ୍ତି **ହଜରତ୍ ବଶୀର୍ ବିନ୍ ସାଆଦ୍ ର.ଅ** । ତାଙ୍କର ସାଂଙ୍କା ଅବୁ ନୁମାନ୍ ଥିଲା । ତାଙ୍କ ପିତାଙ୍କ ନାମ ସାଆଦ୍ ବିନ୍ ସାଆଲବା ଥିଲା । ସେ ଖଜରଜ୍ ସଂପ୍ରଦାୟଭୁକ୍ତ ଥିଲେ । ହଜରତ୍ ବଶୀର୍ ବିନ୍ ସାଆଦ୍ ର.ଅ ସେହି ପୂର୍ଣ୍ଣ ନୀରକ୍ଷର କାଳରେ ଲେଖାପଢା ଜାଣିଥିଲେ । ସେ ବୈଅତେ ଅକବା ସାନିୟାରେ ୭୦ ଜଣ ଅନସାର୍ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ରସୁଲୁଲ୍ଲାଃ ସ.ଅ ଶାବାନ୍ ମାସ ୭ ହିଜରୀରେ ହଜରତ୍ ବଶୀର୍ ବିନ୍ ସାଆଦ୍ ର.ଅଙ୍କ ତତ୍ତ୍ୱାବଧାନରେ ୩୦ ଜଣ ସଦସ୍ୟ ବିଶିଷ୍ଟ ଏକ କ୍ଷୁଦ୍ର ସାମରିକ ବାହିନୀ ଫଦକ୍ ବିନ୍ ମୁର୍ରାହ୍ ଅଭିମୁଖେ ପ୍ରେରଣ କରିଥିଲେ । ସେହିପରି ଶୱାଲ୍ ୭ ହିଜରୀରେ ରସୁଲୁଲ୍ଲାଃ ସ.ଅ ହଜରତ୍ ବଶୀର ର.ଅଙ୍କ ତତ୍ତ୍ୱାବଧାନରେ ୩୦୦ ଜଣ ବ୍ୟକ୍ତିଙ୍କ ସହିତ ୟମନ୍ ଓ ଜୱାର୍ ଆଡ଼କୁ ପ୍ରେରଣ କରିଥିଲେ । ଯେଉଁଠାରେ ଗତଫାନର କେତେକ ଲୋକମାନେ ଉୟୈନା ବିନ୍ ହନସ୍ ଅଲ୍-ଫରାଦିଙ୍କ ସହିତ ଏକତ୍ରିତ ହୋଇ ଇସଲାମ୍ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିଲେ । ହଜରତ୍ ବଶୀର୍ ର.ଅ ସେମାନଙ୍କ ସହିତ ମୁକାବିଲା କରି ସେମାନଙ୍କୁ ବିକ୍ଷିପ୍ତ କରିଦେଇଥିଲେ ।

ଅନ୍ୟ ଏକ ରିୱାୟତରେ ଏହା ବର୍ଣ୍ଣିତ ରହିଛି ଯେ, ହଜ଼ରତ୍ ନୁମାନ୍ ବିନ୍ ବଶୀର୍ ଉଲ୍ଲେଖ କରନ୍ତି ଯେ, ମୋର ପିତ୍ରାଶୀ ମୋତେ କିଛି ଅର୍ଥ ପ୍ରାଦାନ କଲେ । ଏହା ଦେଖି ମୋର ମାତାଶ୍ରୀ କହିଲେ ଯେ, ମୁଁ କଦାପି ରାଜ଼ି ହେବି ନାହିଁ ଯେପର୍ଯ୍ୟନ୍ତ ତୁମେ ରସୁଲୁଲ୍ଲାଃ ସ.ଅଙ୍କୁ ଏହି କଥାରେ ସାକ୍ଷ୍ୟ କରି ଦେଇନାହଁ । ମୋ ପିତା ହୁଜ୍ଜୁର୍ ସ.ଅଙ୍କ ନିକଟକୁ ଏହି ଉଦ୍ଦେଶ୍ୟ ରଖି ଗଲେ ଯେ, ଯେପରି ହୁଜ୍ଜୁର୍ ସ.ଅଙ୍କୁ ମୋର ଏହି ଅର୍ଥ ଅନୁଦାନରେ ସାକ୍ଷ୍ୟ କରାଯାଉ, ଯାହାକି ମୋତେ ମୋର ପିତା ପ୍ରଦାନ କରିଥିଲେ । ରସୁଲୁଲ୍ଲାଃ ସ.ଅ ବଶୀର୍ ର.ଅଙ୍କୁ ପ୍ରଶ୍ନ କଲେ ଯେ, କ'ଣ ତୁମେ ନିଜର ସମସ୍ତ ସନ୍ତାନମାନଙ୍କ ସହିତ ଏହିଭଳି ନ୍ୟାୟ କରିଛ ? ସେ ଉତ୍ତର ଦେଲେ ଯେ, ନାହିଁ । ହୁଜ୍ଜୁର୍ ସ.ଅ କହିଲେ ଯେ, ତୁମେ ଅଲ୍ଲାଃତାଲାଙ୍କର ତକ୍ୱା ଅବଲମ୍ବନ କର ଏବଂ ନିଜର ସମସ୍ତ ସନ୍ତାନମାନଙ୍କ ସହିତ ନ୍ୟାୟ ପ୍ରଦର୍ଶନ କର । ସୁତରାଂ ହଜ଼ରତ୍ ବଶୀର୍ ର.ଅ ଉଲ୍ଲେଖ କରନ୍ତି ଯେ, ମୋର ପିତା ହୁଜ଼ୁର୍ ସ.ଅଙ୍କ ପାଖରୁ ଫେରିଆସିଲେ ଏବଂ ମୋତେ ପ୍ରଦାନ କରିଥିବା ଅର୍ଥଟି ଫେରାଇ ନେଲେ । ହୁଜ୍ଜୁର୍ ସ.ଅ କହିଲେ ଯେ, ମୋତେ ଏପରି ଅର୍ଥ ପ୍ରଦାନରେ ସାକ୍ଷ୍ୟ କରନାହିଁ । କାରଣ ମୁଁ ଏଭଳି ଅନ୍ୟାୟରେ କେବେହେଲେ ସାକ୍ଷ୍ୟ ଦେଇପାରିବି ନାହିଁ କିମ୍ବା ରହିପାରିବି ନାହିଁ ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଏହି ଘଟଣା ସମ୍ପର୍କିତ ବିବରଣୀର ସ୍ପଷ୍ଟୀକରଣ ଦର୍ଶାଇ ଉଲ୍ଲେଖ କରି କହିଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କର ଏହିପରି ନିର୍ଦ୍ଦେଶ କେତେକ ବିଶିଷ୍ଟ ବସ୍ତୁ ସଂପର୍କରେ ହିଁ ଉଦ୍ଦିଷ୍ଟ ଥିଲା, କ୍ଷୁଦ୍ର କ୍ଷୁଦ୍ର ବସ୍ତୁ ନିମନ୍ତେ ଉଦ୍ଦିଷ୍ଟ ନଥିଲା ।

ହୁଜ଼ୁର୍ ଅନୱର୍ ଏହି ସମସ୍ୟା ସଂପର୍କରେ ଅବଶିଷ୍ଟ ବିବୃତ୍ତି ଦେଇ କହିଲେ ଯେ, ଆଁହଜ଼ରତ୍ ସ.ଅ ଜଣେ ବାଳକର ଅଭିଯୋଗକୁ ଭିତ୍ତି କରି ହଜ଼ରତ୍ ବଶୀର୍ ର.ଅଙ୍କର ପିତାଙ୍କୁ କାହିଁକି ଏପରି ନିର୍ଦ୍ଦେଶ ଦେଲେ ଯେ, ତୁମେ ନିଜର ଅନ୍ୟ ପୁତ୍ରମାନଙ୍କୁ ମଧ୍ୟ ଏହିପରି ଅର୍ଥ ପ୍ରଦାନ କରନ୍ତୁ ବା ନିଜର ପ୍ରିୟ ପୁତ୍ରକୁ ପ୍ରଦାନ କରିଥିବା ଅର୍ଥ ବା ବସ୍ତୁକୁ ଫେରାଇ ନିଅନ୍ତୁ । କାରଣ ରସୁଲୁଲ୍ଲାଃ ସ.ଅଙ୍କର ଏପରି କହିବା ପଛରେ ଏକ ଯୁକ୍ତି ଓ ଗୁପ୍ତନୀତି ରହିଥିଲା ଏବଂ ତାହା ହେଉଛି ଯେ, ଯେପରି ସନ୍ତାନମାନଙ୍କ ଉପରେ ଅଭିଭାବକମାନଙ୍କର ଆଜ୍ଞାପାଳନ କରିବା ବାଧ୍ୟତାମୂଳକ ଅଟେ ସେହିପରି ଅଭିଭାବକମାନଙ୍କ ପାଇଁ ମଧ୍ୟ ସମସ୍ତ ସନ୍ତାନମାନଙ୍କ ସହିତ ନ୍ୟାୟୋଚିତ ଆଚରଣ ଓ ନ୍ୟାୟ ରକ୍ଷା କରିବା ଏବଂ ସମ ପରିମାଣର ସ୍ନେହ, ଆଦାର କରିବା ମଧ୍ୟ ବାଧ୍ୟତାମୂଳକ ଅଟେ । କିନ୍ତୁ ଯଦି ଅଭିଭାବକମାନେ ଏହା ବିରୁଦ୍ଧୀୟ ନ୍ୟାୟ କରି ପକ୍ଷପାତିତା ନୀତି ଅବଲମ୍ବନ କରନ୍ତି ତେବେ ସନ୍ତାନମାନଙ୍କର ନିଜର ଅଭିଭାବକମାନଙ୍କ ପ୍ରତି ଯେଉଁ ଦାୟୀତ୍ତ୍ୱବୋଧ ରହିଛି ସେଥିପ୍ରତି ସନ୍ତାନମାନେ ଦାୟୀତ୍ତ୍ୱ ନିର୍ବାହ ତ' କରିବେ କିନ୍ତୁ ବିମୁଖ ହୋଇ ଅଭିଭାବକମାନଙ୍କର ସେବା କରିବେ ଏବଂ ନିଜ ଅଭିଭାବକମାନଙ୍କର ଯେଉଁ ସେବାସବୁ ରହିଛି ସେଥିପ୍ରତି ସେମାନଙ୍କ (ଅର୍ଥାତ୍ ସନ୍ତାନମାନଙ୍କ) ମନରେ ଆଉ ସେତେଟା ଶ୍ରଦ୍ଧାଭାବ ରହିବ ନାହିଁ । କହିଁକି ନା ଅଭିଭାବକମାନେ ତ' ନିଜର ଗେହ୍ଲା ସନ୍ତାନଙ୍କୁ ବେଶୀ ଭଲ ପାଉଛନ୍ତି, ତାକୁ ସମସ୍ତ ଜିନିଷପତ୍ର ପ୍ରଦାନ କରୁଛନ୍ତି ଏବଂ ଅନ୍ୟ ପିଲାମାନଙ୍କୁ ଏତେ ଭଲ ପାଉ ନାହନ୍ତି କି ସେମାନଙ୍କୁ ଏପରି ଜିନିଷପତ୍ର ପ୍ରଦାନ କରି ନାହାନ୍ତି । ତେଣୁ କେତେକ ବ୍ୟକ୍ତିଙ୍କର ଏପରି ନୀତି ପ୍ରଦର୍ଶନ କରିବା ସନ୍ତାନମାନଙ୍କ ପାଇଁ କ୍ଷତିକାରକ ଓ ସନ୍ତାନମାନଙ୍କ ମନରେ ଅଭିଭାବକମାନଙ୍କ ପ୍ରତି ଯେଉଁ ସ୍ନେହଭାବ ଓ ଶ୍ରଦ୍ଧା ରହିଛି ତାହାର କ୍ଷତି ସାଧନ ବା ବିନାଶ ଆଣି ଦେଇଥାଏ । ଏହି କାରଣରୁ ଇସଲାମ ଧର୍ମ ଏପରି ନୀତିକୁ ପାଳନ ତଥା ଅବଲମ୍ବନ କରିବାକୁ କଡ଼ାକଡ଼ି ରୂପେ ମନା କରିଦେଇଛି । ସେ ଯାହାହେଉ ନା କାହିଁକି ଦାନ, ଦକ୍ଷିଣା କିମ୍ବା ଇଚ୍ଛାପତ୍ର କୌଣସି ବିଶିଷ୍ଟ (ଗେହ୍ଲା) ସନ୍ତାନ ନାଁରେ କରିବା ଅନ୍ୟାୟ, ଅନୈତିକ ଓ ଅସଙ୍ଗତ ଅଟେ । ବେଳେବେଳେ ଏପରି ପରିସ୍ଥିତି ଉପୁଜି ଥାଏ ଯେ, ବଡ଼ ପୁଅକୁ ଉଚ୍ଚ ଶିକ୍ଷା ପ୍ରଦାନ କରାଗଲା ହେଲେ ଅନ୍ୟ ସାନ ପିଲାମାନଙ୍କ ବେଳକୁ ବାପାର ଚାକିରି ଚାଲିଗଲା ବା ଆୟ ସ୍ୱଳ୍ପ ହୋଇଯିବା ଯୋଗୁଁ ସେହି ପିଲମାନଙ୍କୁ ଆଉ ବଡ଼ ପୁଅ ପରି ଉଚ୍ଚ ଶିକ୍ଷା ମିଳି ପାରିଲା ନାହିଁ । ସେମାନେ ଏଥିରୁ ବଞ୍ଚିତ ରହିଗଲେ । ତେବେ ଏହା ଉପରେ କିଛି ଆପତ୍ତି ବା ଅଭିଯୋଗ କରାଯାଇପାରିବ ନାହିଁ । କାହିଁକି ନା ବାପାର ଆଉ ସେପରି ଆୟ ବା

ରୋଜଗାର ନାହିଁ । ଯାହାଫଳରେ କି ସେ ନିଜର ଅନ୍ୟ ସନ୍ତାନମାନଙ୍କୁ ଉଚ୍ଚ ଶିକ୍ଷା ଦେଇପାରିବ । କିନ୍ତୁ ଏହାର ବିପରୀତ ପାର୍ଶ୍ୱରେ ଦେଖିବାକୁ ଗଲେ ଯେ, ଜଣେ ପିତା ନିଜର ବଡ଼ ପୁଅକୁ ଯାହାର ସନ୍ତାନ, ପରିବାର ରହିଛି ତାକୁ ଅର୍ଥାତ୍ ବାପା ଯଦି ବଡ଼ ପୁଅକୁ ମାସିକ ଦୁଇ ହଜ଼ାର ଟଙ୍କା ଦେଇ ତାକୁ ଅଲଗା କରିଦିଏ ଏବଂ ତାକୁ କହନ୍ତି ଯେ, ତୁମେ (ଏହି ଟଙ୍କାରୁ) ବ୍ୟବସାୟ ବାଣିଜ୍ୟ କର । ଅନ୍ୟ ପଟରେ ଯଦି ଅନ୍ୟ ପୁଅମାନଙ୍କର ମଧ୍ୟ ପରିବାର ହୋଇଯାଏ ତେବେ ବାପ ଯଦି ଏମାନଙ୍କୁ ବଡ଼ ପୁଅ ପରି ମାସିକ ୨୦୦୦ ଟଙ୍କା ନଦିଅନ୍ତି ତେବେ ଏହା ସେମାନଙ୍କ ପ୍ରିତ ଅବିଚାର, ଅନୈତିକ ଓ ଅନ୍ୟାୟ ହେବ । ହଜ଼ରତ୍ ଅବୁ ବକ୍କର୍ ସିଦ୍ଦିକ୍ ର.ଅଙ୍କ ଖିଲାଫତ୍ କାଳରେ ୧୨ ହିଜରୀରେ ହଜ଼ରତ୍ ବଶୀର୍ ର.ଅ ହଜ଼ରତ୍ ଖାଲିଦ୍ ବିନ୍ ୱଲିଦଙ୍କ ଯୁଦ୍ଧ **ଐନୁତ୍ ତମରରେ** ଶାମିଲ୍ ହୋଇ ବୀରଗତି ପ୍ରାପ୍ତ କରିଥିଲେ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ଉମରାହ୍ କଜ଼ା ପାଇଁ ଜ଼ିଲ୍ କାଆଦା ୭ ହିଜରୀରେ ମକ୍କା ଅଭିମୁଖେ ବାହାରିଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ଅସ୍ତ୍ରଶସ୍ତ୍ର ଆଗେ ପ୍ରେରଣ କରିଦେଇଥିଲେ ଏବଂ ଏହାର ରକ୍ଷଣାବେକ୍ଷଣର ଦାୟୀତ୍ୱ ହଜ଼ରତ୍ ବଶୀର୍ ର.ଅଙ୍କୁ ପ୍ରଦାନ କରିଥିଲେ । ଉମରାହ୍ କଜ଼ାର ବ୍ୟାଖ୍ୟା କରି ହୁଜ଼ୁର୍ ଅନୱର୍ ଅ.ବ କହିଲେ ଯେ, ସୁଲାହ୍ ହୁଦୈବିୟାହ୍ ଅବସରରେ ଯେତେବେଳେ ରସୁଲୁଲ୍ଲାଃ ଓ ରସୁଲୁଲ୍ଲାଃଙ୍କ ସଥୀମାନଙ୍କୁ ଉମରାହ୍ କରିବାରୁ ଅଟକାଇ ଦିଆଗଲା ସେତେବେଳେ ଯେଉଁସବୁ ସର୍ତ୍ତ ଧାର୍ଯ୍ୟ ହୋଇଥିଲା ତନ୍ମଧ୍ୟରୁ ଏକ ସର୍ତ୍ତ ହେଉଛି ଆସନ୍ତା ବା ଆଗାମୀ ବର୍ଷରେ ହୁଜ଼ୁର୍ ସ.ଅ ଓ ତାଙ୍କର ସାଥୀମାନଙ୍କ ସହିତ ଉମରାହ୍ କରିପାରିବେ । ସୁତରାଂ ଜ଼ିଲ୍ କାଆଦାହ୍ ୭ ହିଜରୀରେ ହୁଜ଼ୁର୍ ସ.ଅ ନିଜର ୨୦୦୦ ସାହାବାମାନଙ୍କ ସହିତ ଉମରାହ୍ କଲେ ଏବଂ ଖାନା କାବାର (ତୱାଫ୍) ପରିକ୍ରମା କଲେ । ତୱାଫର ଏପରି ଦୃଶ୍ୟକୁ ଦେଖି କୁଫ୍ଫାରମାନେ ସହ୍ୟ କରି ନପାରି ସେମାନେ ପର୍ବତ ଉପରକୁ ଚାଲିଗଲେ । କେତେକ ବ୍ୟଙ୍ଗବିଦ୍ରୁପକାରୀ ଓ କଟାକ୍ଷ, ତଥା କଟୁକ୍ତିକାରୀମାନେ କହିବାକୁ ଲାଗିଲେ ଯେ, ଏମାନେ କ'ଣ ବା ତୱାଫ୍ କରିବେ ଏମାନଙ୍କୁ ପରା ଭୋକ ଏବଂ ମଦିନାର ଜ୍ୱର ଦଳି ଦେଇଅଛି । ହୁଜ଼ୁର୍ ସ.ଅ ସାହାବାମାନଙ୍କୁ କହିଲେ ଯେ, ନିଜ ଶକ୍ତିର ପ୍ରଦର୍ଶନ କର ଏବଂ ଚଦରକୁ ଏପରିଭାବେ ବାନ୍ଧ ଯେ, ଯେପରି ଶକ୍ତକାନ୍ଧ ଦୃଶ୍ୟମାନ ହେଉଥିବ ଏବଂ ପୁନଶ୍ଚ ସେହି ଶକ୍ତକାନ୍ଧକୁ ପ୍ରକମ୍ପିତ କରି ତୱାଫ୍ କର । ଚଦର୍ ଓ କାନ୍ଧର ଏପରି ପ୍ରକମ୍ପିତ କରିବାକୁ ଆରବୀ ଭାଷାରେ ରମଲ୍ କହନ୍ତି । ଏହି ସୁନ୍ନତ୍ (ପ୍ରଥା) ଆଜିପର୍ଯ୍ୟନ୍ତ ଅବ୍ୟାହତ ରହିଛି ଏବଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ମଧ୍ୟ ରହିଥିବ । ହୁଜ଼ୁର୍ ଅନୱର୍ କହିଲେ ଯେ, ରିୱାୟତରେ ଏହା ବର୍ଣ୍ଣିତ ରହିଛି ଯେ, ହୁଜ଼ୁର୍ ଅକରମ୍ ସ.ଅ ନିଜର ବୟସ ସୀମା ମଧ୍ୟରେ ୪ଟି ଉମରାହ୍ ଏବଂ ଗୋଟିଏ ହଜ୍ କରିଥିଲେ ।

ହଜରତ୍ ବଶୀର୍ ବିନ୍ ସାଆଦ୍ ର.ଅ ଅନସାରର ପ୍ରଥମ ବ୍ୟକ୍ତି ଥିଲେ ଯିଏକି ହଜ଼ରତ୍ ଅବୁବକ୍କର୍ ସିଦ୍ଦିକ୍ ର.ଅଙ୍କ ହସ୍ତରେ ସକ଼ିଫ଼ା ବନୁ ସାଆଦାହ୍ ଦିନ ବୈଅତ୍ (ଦୀକ୍ଷା) କରିଥିଲେ । ସକ଼ିଫ଼ା ବନୁ ସାଆଦାହ୍ କ'ଣ ଅଟେ ? ଏହାର ବିବୃତ୍ତି ଉପସ୍ଥାପନ କରି ହୁଜ଼ୁର୍ ଅନୱର୍ କହିଲେ ଯେ, ଏଠାରେ ଆଁହଜ଼ରତ୍ ସ.ଅଙ୍କ ବିୟୋଗ ପରେ ସକ଼ିଫ଼ା ବନି ସାଆଦାରେ ବନୁ ଖଜ଼ରଜ୍ ସଂପ୍ରଦାୟର ଆଁହଜ଼ରତ୍ ସ.ଅଙ୍କ ସଭାପତିତ୍ୱରେ ଏକ ସଭା ଚାଲିଥିଲା । ଏହି ସଭାର ସୂଚନା ହଜ଼ରତ୍ ଉମର୍ ର.ଅଙ୍କୁ ଦିଆଯାଇଥିଲା ଏବଂ ତତ୍ ସଙ୍ଗେସଙ୍ଗେ ଏହା କୁହାଯାଇଥିଲା ଯେ, ସମ୍ଭବତଃ ବହୁମୁଖୀ ଏବଂ ଅନସାରମାନଙ୍କ ଯୋଗୁଁ କୌଣସି ବିଦ୍ରୋହାତ୍ମକ ପରିସ୍ଥିତି ଯେପରି ନ ଉପୁଜୁ । ପ୍ରତ୍ୟୁତ୍ତରରେ ହଜ଼ରତ୍ ଉମର୍ ଫାରୁକ୍ ର.ଅ ହଜ଼ରତ୍ ଅବୁ ବକ୍କର୍ ସିଦ୍ଦିକ୍ ର.ଅଙ୍କୁ ନେଇ ସକ଼ିଫ଼ା ବନି ସାଆଦାହ୍ ନାମକ ସ୍ଥାନକୁ ଚାଲିଗଲେ । ସେଠାକୁ ଯାଇ ଏହା ଜଣା ପଡ଼ିଲା ଯେ, ବନୁ ଖଜ଼ରଜ୍ ସଂପ୍ରଦାୟ ଲୋକମାନେ ଉତ୍ତରାଧିକାରୀ ଅଟନ୍ତି ଏବଂ ବନୁ ଓସ୍ ସଂପ୍ରଦାୟର ଲୋକମାନେ ଏହାର ବିରୋଧ ପ୍ରଦର୍ଶନ କରୁଛନ୍ତି । ଏହା ଦେଖି ଜଣେ ଅନସାରୀ ସାହାବି ଆଁହଜ଼ରତ୍ ସ.ଅଙ୍କର ଏହି ବାଣୀକୁ ମନେପକାଇଲେ ଯେ, ଶାସକ ତ' କୁରୈଶର ଲୋକମାନଙ୍କ ମଧ୍ୟରୁ ହିଁ ହେବେ । ଯାହାକି ବର୍ତ୍ତମାନ ଏହି ଯୁକ୍ତିତର୍କ

ସମୟରେ ଲୋକମାନଙ୍କ ମଧ୍ୟରେ ଥିବା ସଂଖ୍ୟାଗରିଷ୍ଠମାନଙ୍କ ମନରେ ଅବତୀର୍ଣ୍ଣ ହୋଇଯାଇଛି । ଅନସାରମାନେ ନିଜର ବୃଥା ଦାବିରୁ ନିବୃତ୍ତ ହୋଇଗଲେ ଏବଂ ଯଥାଶୀଘ୍ର ହଜରତ୍ ଅବୁ ବକ୍କର୍ ସିଦ୍ଦିକ୍ ର.ଅ ଖଲିଫାଙ୍କ ହସ୍ତରେ ବୈଅତ୍ କଲେ ।

ହଜରତ୍ ଅବୁ ମସଉଦ୍ ଅନସାରୀ ବର୍ଣ୍ଣନା କରନ୍ତି ଯେ, ଏକଦା ଆମ୍ଭେମାନେ ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ସଭାରେ ଉପସ୍ଥିତ ଥିଲୁ କି ରସୁଲୁଲ୍ଲାଃ ଆମ ନିକଟକୁ ଆସିଲେ, ହଜରତ୍ ବଶୀର୍ ବିନ୍ ସାଆଦ୍ ର.ଅ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଅଲ୍ଲାଃତାଲା ଆମ୍ଭମାନଙ୍କୁ ଆଦେଶ ଦେଇଛନ୍ତି ଯେ, ଆମ୍ଭେମାନେ ଆପଣଙ୍କ ଉପରକୁ ଦୁରୁଦ୍ ପ୍ରେରଣ କରିବୁ । ତେବେ ଆମ୍ଭେମାନେ ହୁଜୁର୍ ସ.ଅଙ୍କ ଉପରେ କିପରି ଦୁରୁଦ୍ ପ୍ରେରଣ କରିବୁ ? ବର୍ଣ୍ଣନାକାରୀ କହନ୍ତି ଯେ, ଏହି ପ୍ରଶ୍ନ ଶୁଣି ଆଁହଜରତ୍ ସ.ଅ ନୀରବ ରହିଲେ । ଏପର୍ଯ୍ୟନ୍ତ କି ଆମ୍ଭେମାନେ ଇଚ୍ଛା ପ୍ରକାଶ କଲୁ ଯେ, ଏପରି ହୁଅନ୍ତା କି ସେ ହୁଜୁର୍ ସ.ଅଙ୍କୁ ଏହି ପ୍ରଶ୍ନ କରି ନଥାଆନ୍ତା ! ସୁତରାଂ ରସୁଲୁଲ୍ଲାଃ ସ.ଅ କହିଲେ ଯେ, ତୁମେ ଏହିପରି କୁହ ଯେ, **"ଅଲ୍ଲାହୁମ୍ମା ସଲ୍ଲେ ଅଲା ମୁହମ୍ମଦନ୍ ୱ ଅଲା ଆଲ ମୁହମ୍ମଦନ୍ କମା ସଲ୍ଲୈତା ଅଲା ଆଲ ଇବ୍ରାହମା ୱ ବାରକ୍ ଅଲା ମୁହମ୍ମଦନ୍ ୱ ଅଲା ଆଲ ମୁହମ୍ମଦନ୍ କମା ବାରକତା ଅଲା ଆଲ ଇବ୍ରାହମା ଫିଲ୍ ଆଲମିନ ଇନ୍ନକା ହମିଦୁମ୍ ମଜଦ୍ ।** " ଏବଂ ସଲାମ୍ ଏହିପରି କର ଯେପରି ତୁମ୍ଭେମାନେ ଜାଣିଛ ଯେ,

**"ଅଲ୍ଲାଃହୁମ୍ମା ସଲ୍ଲ ଅଲା ମୁହମ୍ମଦନ୍ ୱ ଅଲା ଆଲ ମୁହମ୍ମଦନ୍ ୱ ବାରକ୍ ୱ ସଲ୍ଲମ୍ ଇନ୍ନକା ହମଦୁମ୍ ମଜଦ୍ ।"**
ହୁଜୁର୍ ଅନୱର୍ କହିଲେ ଯେ, ମୁଁ ଏକ ଦୁଆ ପାଇଁ କହିଦେବାକୁ ଚାହେଁ ଯେ, ଗତ କିଛିଦିନ ତଳେ ବୁଲୱାଇ ଦୁର୍ବୃତ୍ତମାନେ ଅହମଦିମାନଙ୍କର ଘର ଏବଂ ଦୋକାନ ଇତ୍ୟାଦି ଉପରେ ଆକ୍ରମଣ କରି କେତେକ ଘରକୁ ନିଆଁ ଲଗାଇ ଦେଇଥିଲେ ଏବଂ କେତେକ ଦୋକାନ ଲୁଟି ନେଇଥିଲେ । ଯହିଁରେ କେତେକ ଅହମଦିମାନେ ଆହତ ହୋଇଛନ୍ତି । ଆପଣମାନେ ସମସ୍ତେ ଦୁଆ (ପ୍ରାର୍ଥନା) କରନ୍ତୁ ଯେ, ଅଲ୍ଲାଃତାଲା ସେଠିକାର ପରିସ୍ଥିତିକୁ ଖୁବଶୀଘ୍ର ସାମାନ୍ୟ କରିଦିଅନ୍ତୁ ଏବଂ ଯେଉଁମାନେ ଏହି ଘଟଣାରେ ଆହତ ହୋଇଛନ୍ତି ଅଲ୍ଲାଃତାଲା ସେମାନଙ୍କୁ ଯଥାଶୀଘ୍ର ସୁସ୍ଥ କରି ଦିଅନ୍ତୁ । ସେମାନଙ୍କର କ୍ଷୟକ୍ଷତିର ଭରଣ କରନ୍ତୁ ଓ ସେଠାରେ ଅହମଦିମାନେ ଯେପରି ଶାନ୍ତିପୂର୍ଣ୍ଣ ଭାବେ ଜଲସା କରି ପାରନ୍ତୁ । (ଆମିନ୍)

ହୁଜୁର୍ ଅନୱର୍ କହିଲେ ଯେ, ନମାଜ୍ ପରେ ମୁଁ ଏକ ନମାଜେ ଯନାଜା ଗାଏବ୍ ମଧ୍ୟ ପଢେଇବି । ଯାହାକି ସମ୍ମାନନୀୟା ସ୍ୱର୍ଗୀୟା **ସିଦ୍ଦିକା ବେଗମ୍ ସାହେବା**, ଦୁନିଆପୁର ପାକିସ୍ତାନଙ୍କର ଅଟେ । ସେ ଲଇକ୍ ଅହମଦ୍ ମୁଶତାକ୍ ସାହେବ୍ ମୁବଲ୍ଲିଗେ ସିଲସିଲା ଇନଚାର୍ଜ୍ ଦକ୍ଷିଣ ଆମେରିକାର ମାତା ଥିଲେ ଏବଂ ଶେଖ୍ ମୁଜଫ୍ଫର୍ ଅହମଦ୍ ସାହେବଙ୍କର ପତ୍ନୀ ଥିଲେ । ଫେବୃୟାରୀ ମାସ୍ ୧ ତାରିଖ ଦିନ ୭୪ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲେହି ରାଜେଉନ୍** । ହଜୁର୍ ଅନୱର୍ ସ୍ୱର୍ଗୀୟାଙ୍କ ସୁଗୁଣାବଳୀର ଚର୍ଚ୍ଚା କରି ତାଙ୍କ ପାଇଁ ପ୍ରାର୍ଥନା କଲେ ଯେ, ଅଲ୍ଲାଃତାଲା ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରି ତାଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରନ୍ତୁ, ସ୍ୱର୍ଗରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ସେହପରି ତାଙ୍କର ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଜାରି ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କ ସପକ୍ଷରେ ତାଙ୍କର ସମସ୍ତ ପ୍ରାର୍ଥନାକୁ ସ୍ୱୀକାର କରନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**.....................................................**

**15th February 2019**

**..................**